# ଭକ୍ତି ଓଷା

ବା

# ତୁଳସୀ ପୂଜା କଥା

## ଦଧିମନ୍ଥନ, ପ୍ରଭାତ ବନ୍ଦନା ଓ

## ଶ୍ରୀ ଜଗନ୍ନାଥଙ୍କ ଜଣାଣ

smarteduguide.com

smarteduguide.com

# ଦଧି ମନ୍ଥନ ଓ ପ୍ରଭାତ ବର୍ଣ୍ଣନା

ଦିନେ ଯଶୋଦା ମନ୍ଥୁଥିଲେ ଦଧି । ନିଦ୍ରା ଯାଇଥିଲେ କରୁଣାନିଧି ॥
ପଙ୍କଜ ନୟନ ଶ୍ରୀ ବନମାଳୀ । ଉଠି ମାତା ସଙ୍ଗେ କରନ୍ତି ଅଳି ॥
ମାଏ ଗୋ ଦଧି ମନ୍ଥନ ତୁ ରଖ । ନିଦ୍ରାରୁ ଉଠିଲି ଲାଗିଲା ଭୋକ ॥
ଯଶୋଦା ବୋଲନ୍ତି ଆରେ କହ୍ନାଇ । ଦଧି ମନ୍ଥନରେ ଲାଗିଛି ମୁହିଁ ॥
ଦଣ୍ଡେ ରହ ବାବୁ ନକର ଗୋଳ । ମନ୍ଥନ ସରିଲେ ଧରିବି କୋଳ ॥
ଗୋବିନ୍ଦ ତୁ ମୋର ଜୀବ ଜୀବନ । ଲୁଚି ହୋଇଯିବ ଚନ୍ଦ୍ରବଦନ ॥
ତାହା ଶୁଣି କୃଷ୍ଣ କରନ୍ତି ଅଳି । ମାତ ପଣତ ଧରି ବନମାଳୀ ॥ ଦେଖିଣ
ଯଶୋଦା ହୋଇ ଉଚ୍ଚାଟ । କୃଷ୍ଣଙ୍କୁ ମାଇଲେ ଝୁମୁକା ଛାଟ ॥ ଗୋବିନ୍ଦ
ତହୁଁ ପଳାଇଣ ଗଲେ । ଧାଇଁଯାଇ ପିତା ଆଗେ କହିଲେ ।ମା କୋଳେ
ଧରି ନନ୍ଦ ଦ୍ୟନ୍ତି ଚୁମ୍ବନ । କେ ତୋତେ ମାଇଲା ମୋ ପ୍ରାଣଧନ ॥ କୃଷ୍ଣ
କହୁଛନ୍ତି ଶୁଣ ହେ ତାତ । ଅଦୋଷେ ମାଇଲେ ମୋହର ମାତ ॥ ଭୋ
ତାତ ମୁଁ କିଛି ଦୋଷ ନ କଲି । ଭୋକ ହେବାରୁ ଗୋଳ କରୁଥିଲି ॥
ନନ୍ଦ କହୁଛନ୍ତି କୃଷ୍ଣଙ୍କୁ ଚାହିଁ । ଆଉ ତୋ ମାତାକୁ ରଖିବି ନାହିଁ ॥ ସେ
ତୋତେ ମାଇଲେ କିମ୍ପାଇଁ ଆଜ । ନାହିଁ ତା ଜୀବନରେ ମୋର କାର୍ଯ୍ୟ ॥
ଗୋବିନ୍ଦ ତହୁଁ ସତ୍ୱରେଣ ଗଲେ । ମାତାଙ୍କ ଆଗରେ ଯାଇ କହିଲେ ॥
କୃଷ୍ଣ କହୁଛନ୍ତି ମାତାଙ୍କୁ ଚାହିଁ । ଆଉ ତୋତେ ପିତା ରଖିବେ ନାହିଁ ॥
ଅଦୋଷେ ମାଇଲୁ ଝୁମୁକା ବାଡ଼ି ॥ ଆଜ ତୋତେ ପିତା ଦେବେ ଘଉଡ଼ି ॥
ମାଏ ଗୋ ଯାଅ ତୁମ୍ଭ ବାପଘର । ଦଣ୍ଡେ ନ ରହ ପିତା କୋପଭର ॥
ଯଶୋଦା ବୋଲନ୍ତି ଆରେ କହ୍ନାଇ । ଅଦୋଷେ କିମ୍ପା ଦେବେ ଘଉଡ଼ାଇ ॥
ଘଉଡ଼ି ଯେବେ ଦେବେ ଗୋପଗଣ । ଉଦ୍ଧରି ଧରିବେ ଜଗଜୀବନ ॥
ଗୋବିନ୍ଦ ବାରେ ଉଦ୍ଧାରିଣ ଧର । ଗୀତରେ ଭଣିଲେ ବୀର ଶ୍ରୀଧର ॥

# ଜହ୍ନି ଓଷା

## ପ୍ରଥମ ଛାନ୍ଦ

କହନ୍ତି ମିତଣୀ ଶୁଣ ତୁଳସୀ । ଆଶ୍ୱିନ ମାସରେ ପଡ଼େ ଏ ଓଷା ॥
ତିରିଶ ଦିନ ଯାଏ ମେଳ ହୋଇ । ଲିଆ ଉଖୁଡ଼ା ଯେ ଯାହା ମିଳଇ ॥
ଜହ୍ନିଫୁଲ ଘେନି ଯେ ଯାହା ବାଳୀ । ଓଷା ପୂଜନ୍ତି ଦେଇ ହୁଳହୁଳି ॥
ମଣ୍ଡନ୍ତି ଅପୂର୍ବ ଯତନ କରି । ବାଲ୍ୟ ଝିଅମାନେ ହୋଇଣ ମେଳି ॥
ଏ ଓଷା କଲେ କି କି ଫଳ ହୁଏ । ଯାହା ମନାସିବ ସେ ଫଳ ପାଏ ॥
ଦେହରେ ଯେଉଁ ବ୍ୟାଧିମାନ ଥିବ । ଜହ୍ନି ଓଷା କଲେ ଭଲ ହୋଇବ ॥
ଯେଉଁ ଲୋକମାନେ ଟାହି କରିବେ । ଅପୁତ୍ରିକ ହୋଇ ସେହୁ ମରିବେ ॥
ଯେଉଁ ଲୋକମାନେ ଆନନ୍ଦ ହେବେ । ଧନଜନ ଗୋପଲକ୍ଷ୍ମୀ ପାଇବେ ॥
ଏଥୁ ଅନନ୍ତରେ ଶୁଣ ସୁଜନ । ଆହୁରି କଥାଏ କହିବା ପୁଣ ॥
ମହାରାଷ୍ଟ୍ର ଦେଶେ ଅଟଇ ଘର । ନାମ ଯେ ତାହାର ଶ୍ରୀମହେଶ୍ୱର ॥
ତାର ଭାରିଯା ନାମ ଜମ୍ବୁବତୀ । ସେହୁ ପିଲାଙ୍କୁ କଲାକ ଇଙ୍ଗିତି ॥
ମୁଢ଼ି ଖାଇବାରେ ମରଣ ଜାଣ । ଏହା କହି ଗଲା ଘରକୁ ପୁଣ ॥
ଏ କଥା ଶୁଣିଣ ସେ ବୃନ୍ଦାବତୀ । ମାୟାରେ ସର୍ପ ପେଶିଲେ ଝଟତି ॥
ଶେଯରେ ଶୋଇଛି ତାର ବାଳକ । ଦଂଶିଲା ଯାଇ ତାକୁ କାଳସର୍ପ ॥
ମାତା ତାର କ୍ଷୀର ଦେବାକୁ ଗଲା । ଯାଇଣ ପୁତ୍ରକୁ କୋଳେ ଧଇଲା ॥
ଦେଖିଲା ତାର ପିଣ୍ଡେ ପ୍ରାଣନାହିଁ । ହାପୁତ୍ର ବୋଲି ରୋଦନ କରଇ ॥
ପୂର୍ବେ ମୁଁ କେଉଁପାପ କରିଥିଲି । ଏ ଜନ୍ମେ ମୁହିଁ ଆଣ୍ଟୁକୁଡ଼ି ହେଲି ॥
ଏହି ସମୟରେ ପିତା ତାହାର । ପଚାରେ ମଲା କେମନ୍ତେ କୁମର ॥
ଭାରିଯା ବୋଲେ ବାଳଝିଅମାନେ । ଓଷା କରୁଥିଲେ ଆନନ୍ଦମନେ ॥
ତାହାଙ୍କୁ ଦେଖି ମୁଁ ଇଙ୍ଗିତ କଲି । ଇଙ୍ଗିତ କରି ଏ ଦଣ୍ଡ ପାଇଲି ॥
ଗୃହସ୍ଥ ବୋଲେ ଚାଲ ଏବେ ଯିବା । ବୃନ୍ଦାବତୀଙ୍କ ଚରଣ ସେବିବା ॥

smarteduguide.com

ଦୁଇପ୍ରାଣୀ ହୋଇଣ ଏକମନ । ବୃନ୍ଦାବତୀଙ୍କୁ ମନେ କଲେ ଧ୍ୟାନ ॥
ଜିଆଇଁଦେବେ ଯେବେ ମୋ କୁମର । ବାନା ବିଖ୍ୟାତ ହୋଇବ ତୁମ୍ଭର ॥
ତାଙ୍କର ଭକ୍ତି ଦେଖି ବୃନ୍ଦାବତୀ । ପ୍ରସନ୍ନ ହୋଇଲେ ଆସି ଝଟତି ॥
କିଲୋ ଚାଣ୍ଡାଳୁଣୀ ଗରବ କଲୁ । ଓଷାକୁ ମୋର କିମ୍ପା ନିନ୍ଦାକଲୁ ॥
ମାତା ଜାଣି ତାର ବିକଳ ମନ । ପୁତ୍ର ପାଶରେ ମିଳିଲେ ବହନ ॥
ପୁତ୍ରକୁ ଯେ ତାର ଜୀଆଇଁ ଦେଲେ । ବୃନ୍ଦାବତୀ ଅନ୍ତର୍ଦ୍ଧାନ ହୋଇଲେ ॥
ଶେଯରେ ବସି କାନ୍ଦଇ କୁମର । ଆନନ୍ଦ ମନେ ଧଇଲା କୋଳର ॥
ବୃନ୍ଦାବତୀଙ୍କ ମହିମାଏମନ୍ତ । ଆନନ୍ଦ ମନେ କରିବ ଏ ବ୍ରତ ॥
ସରିଲା ଦିନ ଉପବାସ ଥିବ । ପିଠାପଣା କରି ପୂଜା କରିବ ॥
ଏମନ୍ତ ଚଉରା ମୂଳରେ ପୁଣ । ପୂଜାବିଧି ସାରି ଅର୍ଘ୍ୟ ହୋଇଣ ॥
ଆନନ୍ଦ ମନେ ହୁଳହୁଳି ଦେଲେ । ଯେ ଯାହା ଘରକୁ ପିଲାଏ ଗଲେ ॥

❁

## ଦ୍ୱିତୀୟ ଛାନ୍ଦ

କହିବା କଥାଏ ଶୁଣ ସୁଜନ । ମନରେ କିଛି ନ ଧରିବ ଆନ ॥
କଥାଏ ମନରେ ପଡ଼ିଲା ମୋର । ତୁଳସୀ ଦେବୀଙ୍କ ଏ ଓଷା ସାର ॥
ଏମନ୍ତେ ଓଡ଼ରାଷ୍ଟ୍ର ନାମେ ପୁର । ତହିଁରେ ଅଛି ଏକ ସାଧୁଘର ॥
ନାମ ତାର ଅଟେ ଯେ ଭାଗୀରଥୀ । ତାର ଭାରିଯା ନାମ ଯେ ସୁକାନ୍ତି ॥
ତାହାର ଅଟନ୍ତି ପାଞ୍ଚଟି ପୁଅ । ପାଞ୍ଚ ପୁଅରେ ତା ଗୋଟିଏ ଝିଅ ॥
ତାର ଝିଅ ନାମ ଅଟଇ ରାଧି । ତାର ଦେହରେ ହେଲା କୁଷ୍ଠବ୍ୟାଧି ॥
ମାତା ତାହାର ଦେଖିଣ କାନ୍ଦଇ । କେଉଁ ବିଧାତା ଥିଲା ଏହି ଲିହି ॥
ଦେଖିଣ ଚଉରା ମୂଳରେ ପୁଣ । ପୂଜୁଛନ୍ତି ପିଲା ମେଳ ହୋଇଣ ॥
ସୁକାନ୍ତି ପଚାରେ ପିଲାଏ ଶୁଣ । ଏ ଓଷା କଲେ ହୁଏ କେଉଁଗୁଣ ॥
ଦେହରେ ଯେଉଁ ବ୍ୟାଧିମାନ ଥିବ । ଏହି ଓଷା କଲେ ଭଲ ହୋଇବ ॥
ଯେବେ ମୋ ପିଲାଟି ଭଲ ହୋଇବ । ପାଞ୍ଚବର୍ଷ ଯାଏ ଓଷା କରିବ ॥



ଏମନ୍ତ କହିଣ ଗଲା ସେ ବାଳୀ । ତାହା ନାମରେ ଦେଲେ ହୁଳହୁଳି ॥
ଏମନ୍ତ ତହିଁ କେତେଦିନ ଗଲା । ଆଶ୍ୱିନମାସ ପ୍ରବେଶ ହୋଇଲା ॥
ପିଲାମାନେ ସମସ୍ତେ ମେଳ ହୋଇ । ଓଷା ପୂଜନ୍ତି ହୁଳହୁଳି ଦେଇ ॥
ତାର ଦେହରେ କୁଷ୍ଠବ୍ୟାଧି ଥିଲା । ଓଷା କରିବ ବୋଲିଣ ବୋଇଲା ॥
କାନ୍ଦିଣ ମାତାକୁ କହଇ ଝିଅ । ଓଷା କରିବି ଭୁଜା ମୋତେ ଦିଅ ॥
ଶୁଣିଣ ମାତା କ୍ରୋଧଭର ହୋଇ । ନକର ଓଷା ବୋଲିଣ କହଇ ॥
ଏମନ୍ତ ଶୁଣିଣ ସେ ବୃନ୍ଦାବତୀ । ମାୟାରେ ତାର ପେଷିଲେ ଝଟତି ॥
ତାର ପୁଅଙ୍କୁ ତହିଁ ଘେନିଗଲେ । କୋରଡ଼ ଭିତରେ ନେଇ ରଖିଲେ ॥
ପୁତ୍ରଙ୍କୁ ନ ପାଇଲା ଖୋଜିକରି । ମାତା କାନ୍ଦଇ ତାଙ୍କ ନାମ ଧରି ॥
କେଣେଗଲ ଆରେ ରଙ୍କୁଣିଧନ । ନ ଦେଖିଲି ଆଉ ତୁମ୍ଭ ବଦନ ॥
ଏମନ୍ତ ବୋଲିଣ ଆକୁଳ ମନ । ବୃନ୍ଦାବତୀଙ୍କୁ ମନେ କଲା ଧ୍ୟାନ ॥
ପାଞ୍ଚ ପୁଅଙ୍କୁ ଯେବେ ମୁଁ ପାଇବି । ପାଞ୍ଚଟି କାକରା ପୂଜା କରିବି ॥
କିଲୋ ରାଢ଼ୁଣୀ ଗରବ କଲୁ । ଓଷା ନ କର ବୋଲି ତୁ କହିଲୁ ॥
ସ୍ୱପନରେ ତାକୁ କହିଣ ଗଲେ । ଝିଅ ତୋର ଓଷା କରୁ ବୋଇଲେ ॥
ଏମନ୍ତ ଝିଅ ତାର ଓଷା କଲା । ପାଞ୍ଚୋଟି କାକରା ନେଇ ପୂଜିଲା ॥
ଆନନ୍ଦ ମନେ ପୂଜାବିଧି କଲେ । ହୁଳହୁଳି ଦେଇ ଘରକୁ ଗଲେ ॥
ପାଞ୍ଚପୁଅ ତହୁଁ ଘରେ ମିଳିଲେ । ଆନନ୍ଦରେ ସୁଖେ କାଳ କାଟିଲେ ॥
ଏଗାର ଅକ୍ଷର ତିରିଶ ପଦ । ସଂପୂର୍ଣ୍ଣ ହୋଇଲା ଦ୍ୱିତୀୟ ଛାନ୍ଦ ॥

❁

## ତୃତୀୟ ଛାନ୍ଦ

ଏଥୁ ଅନନ୍ତରେ ଶୁଣ ହେ ରସ । ତୁଳସୀ ଦେବୀ ମହିମା ଅଶେଷ ॥
କର୍ଣ୍ଣାଟ ଦେଶରେ ତାହାର ଘର । ନାମ ତାହାର ଅଟେ ପୀତାମ୍ବର ॥
ଭାରିଯା ନାମ ତାର ପ୍ରିୟବତୀ । ସାତ ପୁଅରେ ଏକଇ ଦୁହିତି ॥
ସାତ ପୁଅରେ ତାର ଗୋଟିଏ ଝିଅ । ଝିଅଠାରେ ତାର ଅତ୍ୟନ୍ତ ସ୍ନେହ ॥
ଝିଅ ବୋଇଲେ ମାତା ତୁମ୍ଭେ ଶୁଣ । ଏ ଓଷା କରିବଇଁ ମୁହିଁ ପୁଣ ॥

smarteduguide.com

ଏମନ୍ତ ମାତା ଆଗରେ କହିଣ । ଭୁଜା ଉଖୁଡ଼ା ଆଣିଦିଅ ପୁଣ ॥
ମାତା ତାହା ଶୁଣି ଆନନ୍ଦ ହେଲା । ଭୁଜା ଉଖୁଡ଼ା ତହୁଁ ଆଣିଦେଲା ॥
ଭୁଜା ଉଖୁଡ଼ା ସେହି ଘେନିଗଲା । ଚଉରାମୂଳେ ନେଇ ଥୋଇଦେଲା ॥
ମନ ଆନନ୍ଦେ ପୂଜାବିଧି କଲେ । ହୁଳହୁଳି ଦେଇ ଅର୍ଘ୍ୟ ତୋଳିଲେ ॥
ଏଗାର ଅକ୍ଷର ଏଗାର ପଦ । ସମ୍ପୂର୍ଣ୍ଣ ହୋଇଲା ତୃତୀୟ ଛାନ୍ଦ ॥
ବାଳୁତ କୃଷ୍ଣ ନାହିଁ ତାର ବୁଦ୍ଧି । କ୍ଷମାକର ହେ ପ୍ରଭୁ କୃପାନିଧି ॥

## ଚତୁର୍ଥ ଛାନ୍ଦ

ଆହୁରି କଥାଏ ସୁଜନେ ଶୁଣ । ବୃନ୍ଦାବତୀଙ୍କ ମହିମା ଏସନ ॥
ଯେଉଁ ପିଲାମାନେ ଓଷା କରନ୍ତି । ବୃନ୍ଦାବତୀ ସନ୍ତୋଷ ହେଉଥାନ୍ତି ॥
ବିରାଟ ଦେଶରେ ତାହାର ଘର । ନାମ ତାହାର ଅଟେ ଧନେଶ୍ୱର ॥
ଭାରିଯା ନାମ ଅଟେ ପଦ୍ମାବତୀ । କରିଅଛି ସେହି ବହୁତ କୀର୍ତ୍ତି ॥
ତାହାର ଅଟଇ ଗୋଟିଏ ପୁଅ । ଗୋଟିଏ ପୁଅରେ ତିନୋଟି ଝିଅ ॥
ଝିଅ ବୋଲନ୍ତି ମାତା ତୁମ୍ଭେ ଶୁଣ । ଜହ୍ନିଓଷା କରିବୁ ଆମ୍ଭେ ପୁଣ ॥
ଏମନ୍ତ ବୋଲି ଝିଅ ଗୋଳକଲେ । ଭୁଜା ଆମ୍ଭଙ୍କୁ ଦିଅ ଯେ ବୋଇଲେ ॥
ମାତା ତାଙ୍କର ବୋଲଇ ଯେ ପୁଣ । ମୁଢ଼ି ପୂଜିବାର ନୁହେଁ ବିଧାନ ॥
ଏମନ୍ତ ବୋଲି ତାକୁ ନାହିଁ କଲା । ଯାଇଣ ଗମ୍ଭିରୀ ଘରେ ଶୋଇଲା ॥
ଏମନ୍ତ ଶୁଣିଣ ସେ ବୃନ୍ଦାବତୀ । ସ୍ୱପନରେ ତାକୁ କହିଲେ ରାତି ॥
କିଲୋ ପାମରୀ ମୂଢ଼ପଣ କଲୁ । ଓଷା ନକର ତୁ ବୋଲି ବୋଇଲୁ ॥
ଯେବେ ତୋ ଝିଅ ଓଷା ନକରିବ । ସାତଦିନେ ତୋ ପୁଅ ନାଶଯିବ ॥
ଏମନ୍ତ ଯେ ବୃନ୍ଦାବତୀ କହିଣ । ଅନ୍ତର୍ଦ୍ଧାନ ହୋଇଗଲେ ସେ ପୁଣ ॥
ଦେଖିଲା କେହି ନାହାନ୍ତି ପାଖରେ । ମନରେ ତାହାର ଭାବନା କରେ ॥
ଓଷା କରିବାକୁ ନାହିଁ ମୁଁ କଲି । ନାହିଁ କଲାରୁ ସ୍ୱପନ ଦେଖିଲି ॥
ଏମନ୍ତ ବିଚାରି ମନରେ ତାର । ଝିଅକୁ ବୋଇଲା ଓଷା ଯେ କର ॥



ଏମନ୍ତ ଝିଅ ତାର ଓଷାକଲେ । ବୃନ୍ଦାବତୀ ଯେ ସନ୍ତୋଷ ହୋଇଲେ ॥
ପିଲାମାନେ ହୁଳହୁଳି ଦେଇଣ । ଜହ୍ନି ଫୁଲରେ ବନ୍ଦାଇଲେ ପୁଣ ॥
ବନ୍ଦାପନା ସାରି ଅର୍ଘ୍ୟ ଦେଇଣ । ପିଲାଏ ଘରକୁ ଗଲେକ ପୁଣ ॥
ଏଗାର ଅକ୍ଷର ବାଇଶି ପଦ । ସଂପୂର୍ଣ୍ଣ ହୋଇଲା ଚତୁର୍ଥ ଛାନ୍ଦ ॥
ବାଳୁତ କୃଷ୍ଣ ନ ଧରିବ ଦୋଷ । କ୍ଷମାକର ହେ କମଳା ବିଳାସ ॥

## ପଞ୍ଚମ ଛାନ୍ଦ

ଶୁଣ ପିଲାଏ ହୋଇ ଶୁଦ୍ଧମନ । କହିବା ତୁମକୁ ଓଷା ବିଧାନ ॥
ସକାଳରୁ ସ୍ନାନ କରି ଆସିବ । ଅଗଣାରେ ଚଉରାଏ ସ୍ଥାପିବ ॥
ଏକବର୍ଣ୍ଣ ଗାଈ ଗୋବର ନେଇ । ସୁସଞ୍ଜ କରି ଲିପିଥିବ ତହିଁ ॥
ପଞ୍ଚ ବର୍ଣ୍ଣରେ ମୁରୁଜ ସ୍ଥାପିବ । ଚଉରାର ଚାରି ପାଖରେ ଦେବ ॥
ଓଷାବିଧି ସାରି ସାୟଂ କାଳରେ । ପ୍ରବେଶ ହୋଇବ ଚଉରାମୂଳେ ॥
କଉଡ଼ି ଗୁଆ ନଡ଼ିଆ ନେଇଣ । ଚଉରାମୂଳେ ସ୍ଥାପନ କରିଣ ॥
ଜହ୍ନିଫୁଲ ଗୁଡ଼ାଏକ ଆଣିବ । ବୃନ୍ଦାବତୀଙ୍କୁ ମଣ୍ଡଣି କରିବ ॥
ପୂର୍ଣ୍ଣକୁମ୍ଭକୁ ନେଇ ବସାଇବ । ମୁଣ୍ଡିଆ ମାରି ହୁଳହୁଳି ଦେବ ॥
ଆହୁରି କଥାଏ କହିତ ଶୁଣ । ଆମିଷ ଜହ୍ନି ନ ଖାଇବ ପୁଣ ॥
ସଉରାଷ୍ଟ୍ର ଦେଶେ ରାଜାଏ ଥିଲା । ଜହ୍ନିଫୁଲ ତା ଝିଅ ଛିଣ୍ଡାଇଲା ॥
ଛିଣ୍ଡାଇବାରୁ ହାତ ତାର ପୁଣ । ଖଣ୍ଡ ଖଣ୍ଡ ହୋଇଲାକ ମିଳିଣ ॥
କାନ୍ଦିଣ ମାତା ଆଗରେ କହିଲା । କିମ୍ପା ହାତ ମୋର ଏମନ୍ତ ହେଲା ॥
ହାତ ଦେଖି ତାର ମାତା କହଇ । କିମ୍ପା ହାତ ତୋ ଏମନ୍ତ ହୁଅଇ ॥
ଝିଅ କହେ ମୁଁ କିଛି କରିନାହିଁ । ଏକମାତ୍ର ଅଛି ଜହ୍ନି ଛିଣ୍ଡାଇ ॥
ଶୁଣିଣ ମାତା ତାହାର କାନ୍ଦିଲା । କେଉଁ ବିଧାତା ମୋତେ ଏହାକଲା ॥
ବୃନ୍ଦାବତୀ ତାର ଜାଣିଣ ମନ । ରାଣ୍ଡୀ ବ୍ରାହ୍ମଣୀ ରୂପ ହେଲେ ପୁଣ ॥

smarteduguide.com

ତାହାର ଘର ଭିତରକୁ ଗଲେ । କିମ୍ପା କାନ୍ଦୁଛୁ ବୋଲିଣ ବୋଇଲେ ॥
କାନ୍ଦିଣ ସେହି କାମିନୀ ବୋଲଇ । ଝିଅ ହାତ ମୋ କିମ୍ପା ମିଳିଯାଇ ॥
ଶୁଣିଣ ରାଣ୍ଡୀବ୍ରାହ୍ମଣୀ ପଚାରିଲା । କେଉଁ ପଦାର୍ଥ ଏହୁ ଛିଣ୍ଡାଇଲା ॥
ଶୁଣି ମାତା ତାହାର କହଇ । ଜହ୍ନି ଗୋଟିଏ ଛିଣ୍ଡାଇଲା ତହିଁ ॥
ଜାଣିଣ ରାଣ୍ଡୀବ୍ରାହ୍ମଣୀ ବୋଇଲା । ଜହ୍ନି ଛିଣ୍ଡାଇବାରୁ ଏହା ହେଲା ॥
ଏବେ କହିବା କଥା ଏକ ଶୁଣ । ଜହ୍ନି ଓଷା କରିବା ଏହା ପୁଣ୍ୟ ॥
ଏମନ୍ତ ବୋଲିଣ ଔଷଧ ଦେଲେ । ସେହିଠାରୁ ଅନ୍ତର୍ଦ୍ଧାନ ହୋଇଲେ ॥
ସେହି ଔଷଧବାଟି ବୋଳିଦେଲା । ବୋଳିବାରୁ ତା ହାତ କଅଁଳିଲା ॥
ଜାଣିଣ ସେହି ଦେବୀ ବୃନ୍ଦାବତୀ । ଫେଡ଼ିଲେ ଦେବୀ ତାହାର ଦୁର୍ଗତି ॥
ଏମନ୍ତ ତହୁଁ କେତେଦିନ ଗଲା । ଭାଦ୍ରବମାସ ଯାଇ ଆଶ୍ୱିନ ହେଲା ॥
ପିଲାଏ ଓଷା କରନ୍ତି ଦେଖିଲା । ମାତାଙ୍କ ଆଗରେ ଯାଇ କହିଲା ॥
ମାତା କହିଲା ଓଷା କର ଯାଇ । ନଡ଼ିଆ ପାଚିଲା କଦଳୀ ନେଇ ॥
ହୁଅନ୍ତେ କୁମାର ପୂର୍ଣ୍ଣିମା ଦିନ । ବାଳ ଝିଅମାନେ ମିଳିଲେ ପୁଣ ॥
ଭୂଜା ଉଖୁଡ଼ା କାକୁଡ଼ି ନେଇଣ । ସାତବର୍ଣ୍ଣ ପିଠା କଲେକ ପୁଣ ॥
ସୁବର୍ଣ୍ଣ ତାଟ୍ଟୁଡ଼ିରେ ନେଇ ଥୋଇ । ତଉରାମୂଳରେ ନେଇଣ ଦେଇ ॥
ପୂଜା ସାରିଣ ବନ୍ଦାପନା କଲେ । ଆନନ୍ଦ ମନେ ହୁଳହୁଳି ଦେଲେ ॥
ତଉରା ମୂଳରେ ଅର୍ଘ୍ୟ ଦେଇଣ । ପିଲାଏ ଘରକୁ ଗଲେକ ପୁଣ ॥
ଏଗାର ଅକ୍ଷର ପଚିଶ ପଦ । ସଂପୂର୍ଣ୍ଣ ହୋଇଲା ପଞ୍ଚମ ଛାନ୍ଦ ॥
ଜହ୍ନି ଓଷା ଗୀତ ଶେଷ ହୋଇଲା । ଦୀନକୃଷ୍ଣ ଦାସ ଗୀତେ ରଚିଲା ॥

## ଜହ୍ନି ଓଷା ଗୀତ

ଜହ୍ନି ଫୁଲ ଲୋ ଠୋ ଠା ଯେସନ ଦେବତା ପିଲାର ନାକଟା ଖଣ୍ଡିଆଟା ।

ବାଡ଼ିଆଡ଼େ ବଗ ଦାଣ୍ଡଆଡ଼େ ବଗ ତୁଙ୍ଗେଇ କହିଯାଇଛି ଚାଉଳ ପୁଞ୍ଜେ ଦେବ ।



ଜହ୍ନି ଫୁଲରେ ପୂଜିଲି ତୋତେ । କିବର ମାଗୁଛି ଦେବୁଟି ମୋତେ ॥
କାକୁଡ଼ି ଫୁଲରେ ପୂଜିଲି ତୋତେ । କିବର ମାଗୁଛି ଦେବୁଟି ମୋତେ ॥
କଖାରଫୁଲରେ ପୂଜିଲି ତୋତେ । କିବର ମାଗୁଛି ଦେବୁଟି ମୋତେ ॥
କନିଅର ଫୁଲେ ପୂଜିଲି ତୋତେ । କିବର ମାଗୁଛି ଦେବୁଟି ମୋତେ ॥
ଜହ୍ନିଲୋ ଜହ୍ନି ଜହ୍ନି ଆଙ୍ଗୁଳି । ନିତି ପୂଜାକଲି ତିନି ଆଙ୍ଗୁଳି ॥

ମୋ ବୋଉ ମୋ କୋଳରେ ବସେ । ନାତୁଣୀ ବୋହୁଲୋ ଭାତ ପରସେ ॥ ଖଟି ଯାଇଁ ଖଟେ ଆସେ । ମଝି ପିଠି ଖଣ୍ଡେ ମାଡ଼ି ବସେ ॥

ତୁଳସୀ ମୂଳେ ଦେଲି ଜାଗର । ତୁଳସୀ ବୋଇଲେ ମାଗେ ଓଷା କାନକୁ ସୁନାପେଡ଼ି କନ୍ୟା । ବାର ବରଷର ଧାନ ପୁରୁଣା କାଖେ ପୁଅ ପଣନ୍ତେ ପୁଅ । ଜୀବନେ ଥିଲାଯାକ ଅହ୍ୟ ହୁଅ ॥ ମରିଗଲେ ବୈକୁଣ୍ଠ ନିଅ ॥

ଥାଆରେ ନନା ଓଷାଟି ଏହି । ଆଣରେ ନନା ଭାର ଲମ୍ଭାଇ ॥ ଆଜି ହୋଇଥିଲା ମଙ୍ଗଳବାର । ଓଷା ପୂଜିବାକୁ ଶରଧା ମୋର ॥ ଏହିପିଲା ସତେ କେତେ ଭଣ୍ଡିଲା । ମୋର ଫୁଲ ନେଇ ଶିରେ ମଣ୍ଡିଲା । ମାଳିଘର ଝିଅ ଚହକ ବାନ୍ଧି । ଖୋଷା ପକାଇବ ବଉଳ କାନ୍ଧି । ଏହି ଖୋଷାଟି ପକାଇବି ନାହିଁ । ସାତ ଭାଉଜରେ ବସିବି ନାହିଁ ॥ କଲି ଲୋ କଲି ନାକରେ କଲି । କାଲି ଆଣିଦେବି ସବୁ ଚକୁଳି ॥ ସବୁ ଚକୁଳିର ଉପରେ ମହୁ । ମୋତେ ବୋଲିବେ ବଡ଼ ଘର ବୋହୂ ॥ ରାଜାଙ୍କ ବୋହୂ କେଡ଼େ ବିନ୍ଧାଣି । ଟେକି ଧରିଥିବ ସପତଣୀ ॥ ଦୀପ ଖୋଳୁ ଖୋଳୁ ପାହିଲା ରାତି । ଚୋର ଘେନିଗଲା କଜଳପାତି । ଅଲଣାକଲି ନଁ ପୋଲଣା କଲି । ମୁଣ୍ଡ ପୋତ ପୋତି ସ୍ନାନ କଲି ॥

smarteduguide.com

କୁଆଁର ପୁନିଅଁ ଜହ୍ନଲୋ ସଙ୍ଗାତେ ।
ଲିଆ ଖାଇବାକୁ ମନ କି ସଙ୍ଗାତେ ॥
ସମସ୍ତେ ପିନ୍ଧିଲେ ପାଟପଟନୀ, ମୋତେ କଲେ ହୀନମାନ କି ସଙ୍ଗାତେ ।
ହଳଦୀ କାଠୁଆ କମ କି ସଙ୍ଗାତେ ।
ଆଜି ଲଗାଇବା କଜ୍ଜଳ ସିନ୍ଦୂର, କାଲିକି ନେବ ଯମ କି ସଙ୍ଗାତେ
ହେ ଉଠ ଉଠ କାହ୍ନୁ କେଶବ ହରି, ଗୋଠକୁ ଯିବା ବାଛୁରୀ ଧରି ।
ବାଛୁରୀଯାକ ଯେ ଅଧୀର ହେଲେ କ୍ଷୀର ନ ପାଇଣ ଗମ୍ଭୀର ଗଲେ ।
ପୁଅଯାକ ସବୁ ଅଗଣାପୁରୀ, ଶୂନ୍ୟ ମଣ୍ଡଳକୁ ଡାକନ୍ତି ହରି ।

## ତୁଳସୀ ସ୍ତବ

ମାଗୋ ତୁଳସୀ ଦେବୀ, ଅଟୁ ଶ୍ରୀକୃଷ୍ଣ ପ୍ରାଣବଲ୍ଲଭୀ । (ପଦ)
ପ୍ରଭାତୁ ଉଠିଣ ତୋ ମୁଖ ଚାହିଁଣ ସନ୍ଧ୍ୟାକାଳେ ସନ୍ଧ୍ୟା ଦେଇ ।
ଓଦାବସ୍ତ୍ର ପିନ୍ଧି ତୋ ପାଦେ ସେବିଲେ ବୈକୁଣ୍ଠ ଲଭିବାପାଇଁ ।୧।
ଚାରିପାଖେ ଚାରିତପୀ ବସିଥାନ୍ତି ମଧ୍ୟେ ବସେ ବସୁନ୍ଧରା । ଚାରିପାଖେ ଚାରି ଚାମର ଢାଳନ୍ତି ରୁକ୍ମିଣୀ ଲିପେ ଚଉଁରା । ସତ୍ୟ ଯୁଗେ ତୋର ବୃନ୍ଦାବତୀ ନାମ ତ୍ରେତୟା ଯୁଗେ ମାଳତୀ । ଦ୍ୱାପର ଯୁଗରେ ନାମ ତୋ ତ୍ରିପୁର କଳିଯୁଗେ ବୃନ୍ଦାବତୀ ।୩। ତୁଳସୀର ମୂଳ ତୁଳସୀର ଚୂଳ ତୁଳସୀ ଭୂଷଣ ହୋଇ । ତୁଳସୀ ମୂଳରେ ଲୟ ଲଗାଇଲେ ନୀଳଚକ୍ର ଦିଶୁ ଥାଇ ।୪। ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ ପତ୍ରେ ଦେବତାଙ୍କ ବାସ । ତୋ ପତ୍ର ପଡ଼ିଲେ ମଣୋହି ହୁଅଇ କହଇ ଗୋଲୋକ ଦାସ ।

## ତୁଳସୀ ପ୍ରଦକ୍ଷିଣ ମନ୍ତ୍ର

ଓଁ ଗୋବିନ୍ଦବଲ୍ଲଭଂ ଦେବୀଂ ଭକ୍ତ ଚୈତନ୍ୟ କାରିଣୀଂ ।
ସ୍ନାପୟାମି ଜଗଧାତ୍ରୀ ବିଷ୍ଣୁଭକ୍ତି ପ୍ରଦାୟିନୀ ।

smarteduguide.com



## ତୁଳସୀ ବୃକ୍ଷେ ଜଳ ଦେବା ମନ୍ତ୍ର

ଯାନି ଯାନି ଚ ପାପାନି ବ୍ରହ୍ମହତ୍ୟାଦି କାନି ଚ ।
ନାନି ତାନି ପ୍ରଣଂସନ୍ତି ପ୍ରଦକ୍ଷିଣଂ ପଦେ ପଦେ ॥
ତତ୍ ପାପଂ ଯୌବନ ବାଲ୍ୟେକୌମାରେ ବାର୍ଦ୍ଧକେ କୃତଂ ।
ତତ୍ ପାପଂ ବିଲୟଂ ଯାତୁ ତୁଳସୀ ତତ୍ୱ ପ୍ରଦକ୍ଷିଣାତ୍ ॥

## ଶ୍ରୀ ଜଗନ୍ନାଥ ସ୍ତୁତି

କମଳ ତୋଳା ଲବଣୀ ତୋଳା
କେଶବ ଗଳାରୁ ଶୋହେ କଦମ୍ବମାଳା ।
ମୟୂରଚୂଳ ପ୍ରଭୁ କର୍ଣ୍ଣେ କୁଣ୍ଡଳ । ଶିରେ ଠିଆଚିତା କୋଟିଚନ୍ଦ୍ର ଉଜ୍ଜ୍ୱଳ ।
ଭାଲେ ଭଲକାଳିକାଟେ ଚିତା କସ୍ତୁରି ତାକୁ ଯେ ଶୋହେ ଗଜ ମୁକୁତା ॥
ଭକତରେ ମନ ପ୍ରଭୁ ଜଗଜ୍ଜୀବନ । ଜୀବ ଥିବାଯାଏ କରି ହରି କୀର୍ତ୍ତନ ॥
ହର ସ୍ୱକୃତ ପ୍ରଭୁ ବଢ଼ାଏ ହିତ । ସତ୍ୟ ଥିବା ପ୍ରାଣୀଙ୍କୁ ନ ଛାଡ଼େ ଅଚ୍ୟୁତ ।୫।
ସାରଙ୍ଗପାଣି ପ୍ରଭୁ ସଙ୍ଗେ ଭଉଣୀ ଘେନି । ରଥେ ବିଜେ କଲେ ଶ୍ରୀ ହଳପାଣି ॥ ଉଡ଼େ ଓଡ଼ିଶା ପ୍ରଭୁ ସାହି ପଡ଼ିଶା । ଯାତ୍ରା ଆସି ଦେଖୁଛନ୍ତି ନ ଲାଗେ ତୃଷା ॥ ଘରେ ନଣନ୍ଦ ପ୍ରଭୁ ଘରଣୀ ମନ୍ଦ । ଯାତ୍ରା ଅଛି ନବଦିନ କିକଲା ଦ୍ୱନ୍ଦ୍ୱ ॥ ଉଡୁଅଛି ନେତ ପ୍ରଭୁ ଚଢ଼ନ୍ତି ରଥ ॥ ଗେଲେଗେଲେ ଚାଲୁଛନ୍ତି ଶ୍ରୀଜଗନ୍ନାଥ । ହେରା ପଞ୍ଚମୀ ବଡ଼ ଅଟେ ଯାତରା । ବଡ଼ଦାଣ୍ଡେ ଧୂଳି ଧୂସର ସୁବର୍ଣ୍ଣ ହୀରା ।୧୦। ସର୍ବାଙ୍ଗରେ ଧାଡ଼ି ପ୍ରଭୁ ଦାସୀଙ୍କ ଧାଡ଼ି । ଆକାଶେ ଡାକଦିଏ ମେଘ ଘଡ଼ଘଡ଼ି । ମେଘ ଗରଜେ ଢୋଲ ଟମକ ବାଜେ । ଚଉରଙ୍ଗ ବଳ ଘେନି ବାହୁଡ଼ା ବିଜେ ॥ ବାହୁଡ଼େ ଶେଷେ ପ୍ରଭୁ ଶ୍ରୀ ପୀତବାସ । ଗୀତରେ ଭଣିଲେ ଭକ୍ତ ଶ୍ରୀ ବଳରାମ ଦାସ ।

ମୁଦ୍ରଣ : ବିଶ୍ୱବିଦ୍ୟା ପ୍ରେସ୍, ଅଲିଶାବଜାର, କଟକ -୨

## ଲକ୍ଷ୍ମୀନାରାୟଣଙ୍କ କଉଡ଼ି ଖେଳ

ଶୁଦ୍ଧ ସୁବର୍ଣ୍ଣରେ ମଣ୍ଡପ ଚନ୍ଦନ କାଠେ କୋଠି
ଲକ୍ଷ୍ମୀନାରାୟଣ ଯୁଆ ଖେଳନ୍ତି ହସ୍ତେ କଉଡ଼ି ମୁଠି ।୧।
ଏକ ମୁଠି ଯୁଆ ପଡ଼ିଲା ପ୍ରଭୁ ହୋଇଲେ ଧନ୍ଦା
ହାରିଯାଇ କର୍ଣ୍ଣ କୁଣ୍ଡଳ ଦେଲେ ଲକ୍ଷ୍ମୀଙ୍କି ବନ୍ଧା ।୨।
ଦୁଇ ମୁଠି ଯୁଆ ଖେଳିଣ ପ୍ରଭୁ ହୋଇଲେ ଧନ୍ଦା
କଣ୍ଠ ପଦର ହାରକୁ ଦେଲେ ଲକ୍ଷ୍ମୀଙ୍କି ବନ୍ଧା ।୩।
ତିନି ମୁଠି ଯୁଆ ଖେଳିଣ ପ୍ରଭୁ ସାରଙ୍ଗ ଧର
ହାରିଣ ଚନ୍ଦ୍ର ମୁଦ୍ରିକା ଦେଲେ ଲକ୍ଷ୍ମୀ ଛାମୁର ।୪।
ଚାରି ମୁଠା ଯୁଆ ଖେଳିଣ ପ୍ରଭୁ ହୋଇଲେ ଧନ୍ଦା
ଅଙ୍ଗ ଆଭରଣ ସମସ୍ତ ଦେଲେ ଲକ୍ଷ୍ମୀଙ୍କି ବନ୍ଧା ।୫।
ପାଞ୍ଚ ମୁଠି ଯୁଆ ଖେଳନ୍ତି ପ୍ରଭୁ ସାରଙ୍ଗ ଧର
ଏହି ଖେଳେ ପ୍ରଭୁ ହାରିଲେ ଧନ ଭଣ୍ଡାରି ଘର ।୬।
ଛଅ ମୁଠି ଯୁଆ ଖେଳିଣ ପ୍ରଭୁ ହୋଇଲେ ଧନ୍ଦା
ଜଗତ ଅଟଇ ମୋହର ଲକ୍ଷ୍ମୀ ରଖ ଗୋ ବନ୍ଧା ।୭।
ସାତ ମୁଠି ଯୁଆ ଖେଳିଣ ପ୍ରଭୁ ହୋଇଲେ ଧନ୍ଦା
ଦରହାସେ ଲକ୍ଷ୍ମୀ କହନ୍ତି ତୁମ୍ଭେ ରହିଲ ବନ୍ଧା ।୮।
ଯୁଆଖେଳେ ଯହୁଁ ହାରିଲେ ପ୍ରଭୁ ବ୍ରହ୍ମାଣ୍ଡ ପତି
ଆନନ୍ଦିତ ମନ ହୋଇଲେ ସିନ୍ଧୁ ରାଜା ଦୁହିତୀ ।୯।
ଯୁଆ ଖେଳୁ ଖେଳୁ ରାତ୍ର ଯେ ଆସି ଶେଷ ହୋଇଲା
ରଘୁନାଥ ଦାସ ଶ୍ରୀପାଦପଦ୍ମେ ଶରଣ ଗଲା ।୧୦।
ପ୍ରଭୁଙ୍କ କୃପାରୁ ଲେଖଇ ବ୍ରତ ବିଧାନ ମୁହିଁ
ବୃଦ୍ଧ ଜନମାନେ ମୋହର ଦୋଷ ଧରିବ ନାହିଁ ।୧୧।
ଶ୍ରୀ ପଦ୍ମ ପୁରାଣ ଉତ୍ତର ଖଣ୍ଡ ବ୍ରତ ବିଧାନ
ପ୍ରକୃତ ଭାଷାରେ ଲେଖଇ ରଘୁନାଥ ଅଜ୍ଞାନ ।୧୨।

**ସମାପ୍ତ**